


## 'ରମାଦେବୀ'ରେ ଓଡ଼ିଶା ପରିବେଶ କଂଗ୍ରେସ

# ଜଳବାୟୁ ପରିବର୍ତ୍ତନରେ ମହିଳା ବେଶି ପ୍ରଭାବିତ

ଭୁବନେଶ୍ୱର, ୨୦।୧୨(ସମିସ): ଓଡ଼ିଶା ପରିବେଶ କଂଗ୍ରେସର ୧୬ତମ ଅଧ୍ୟାୟ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆଜିଠାରୁ ଆରମ୍ଭ ହୋଇଛି। ପରିବେଶ ଓ ନାରୀ ଶୀର୍ଷକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କେରଳର ପୂର୍ବତନ ମୁଖ୍ୟ ବନ୍ୟ ସଂରକ୍ଷକ ପ୍ରକୃତି ଶ୍ରୀବାସ୍ତବ ଯୋଗଦେଇ କହିଛନ୍ତି ଯେ ପରିବେଶ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନରେ ପୁରୁଷଙ୍କ ତୁଳନାରେ ମହିଳା ଅଧିକ ପ୍ରଭାବିତ ହେଉଛନ୍ତି। ମାତ୍ର ନାରୀ ପୁରୁଷଙ୍କ ମଧ୍ୟରେ ଥିବା ଅସାମନତା ଏହି ସମସ୍ୟା ସମାଧାନ ବଦଳରେ ଜଟିଳ କରୁଛି। ସମ୍ପ୍ରତି ୩୧ଶହ ଜଣ ଆଇଏଫ୍‌ଏସ୍ ଅଧିକାରୀ ଥିବାବେଳେ ତନ୍ମଧ୍ୟରୁ ମାତ୍ର ୨୮୪ ମହିଳା। ସେହିପରି କ୍ଷେତ୍ର ସ୍ତରୀୟ କର୍ମଚାରୀଙ୍କ ସଂଖ୍ୟା ପ୍ରାୟ ୨ ଲକ୍ଷ ୫୦ ହଜାର ଥିବାବେଳେ ତନ୍ମଧ୍ୟରେ ମାତ୍ର ୫ ହଜାର ମହିଳା ଅଛନ୍ତି। ଏଣୁ ଲିଙ୍ଗଗତ ସମାନତା ନ ଆସିଲେ ପରିବେଶ ସୁରକ୍ଷା ଓ ଜଳବାୟୁ ସମସ୍ୟା ସମାଧାନ ଅସମ୍ଭବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ପରିବେଶ କଂଗ୍ରେସ ଅଧ୍ୟକ୍ଷ ଡ. ଅରବିନ୍ଦ ବେହେରା ଯୋଗଦେଇ ପରିବେଶ ଓ ବିକାଶ ମଧ୍ୟରେ ସନ୍ତୁଳନ ଅଭାବରୁ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା କହିଛନ୍ତି। ରମାଦେବୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ଚଣ୍ଡୀ ଚରଣ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରମାଦେବୀର ପୂର୍ବତନ କୁଳପତି ଡ. ପଦ୍ମଜା ମିଶ୍ର, ବିଶିଷ୍ଟ ଗାନ୍ଧିବାଦୀ ଓ କସ୍ତୁରବା ଟ୍ରଷ୍ଟର ସର୍ବ ଭାରତୀୟ ଉପସଭାପତି ଗାୟତ୍ରୀ ଦାସ, ଭୃଗୁ ବକ୍ସିପାତ୍ର, ଓଇଏସ୍‌ର ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ପ୍ରମୁଖ ପରିବେଶ କ୍ଷୟର ଭୟାଭହତା ସମ୍ପର୍କରେ ଆଲୋକପାତ କରିଛନ୍ତି। ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ସୁଚେତା ପ୍ରିୟବାଦିନୀ ଧନ୍ୟବାଦ ଅର୍ପଣ ଜରିଥିବା ଡ଼ ମାନସ ବେହେରା ସୂଚନା ଦେଇଛନ୍ତି।



## ପ୍ରସ୍ତାବିତ ବିଜୁଳି ଶୁଳ୍କ ବୋଝ ଉପରେ ନଳିତା ବିଡ଼ା: ଉପଭୋକ୍ତା ମହାସଂଘ

ଭୁବନେଶ୍ୱର, ୨୦।୧୨(ସମିସ): ଗ୍ରୀଡକୋ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବାର୍ଷିକ ରାଜସ୍ୱ ଆବଶ୍ୟକତା ଦରଖାସ୍ତ ଓଡ଼ିଶା ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ ପାଖରେ ଗତ ନଭେମ୍ବର ୨୯ତାରିଖ ଦିନ ଦାଖଲ କରାଯାଇଛି। ୟୁନିଟ ପିଛା ୩ ଟଙ୍କା ୮୮ପଇସା ହିସାବରେ ୩୯ ହଜାର ମିଲିୟନ ୟୁନିଟ ବିଜୁଳି ବିକ୍ରି ପାଇଁ ଗ୍ରୀଡକୋ ୧୫ ହଜାର ୧୬୧ କୋଟି ଟଙ୍କା ରାଜସ୍ୱ ଆଦାୟ କରିବ ବୋଲି ପ୍ରସ୍ତାବ ରଖିଛି। ବର୍ତ୍ତମାନ ବିଜୁଳି ୟୁନିଟ ପିଛା ଗ୍ରାହକଙ୍କ ଠାରୁ ଆବଣ୍ଟନ କମ୍ପାନୀମାନେ ୩ଟଙ୍କା ୩୦ପଇସା ହିସାବରେ ଆଦାୟ କରୁଛନ୍ତି। ଯଦି ଗ୍ରୀଡକୋର ପ୍ରସ୍ତାବିତ ଶୁଳ୍କକୁ ଗ୍ରହଣ କରାଯିବ ତା ହେଲେ ୟୁନିଟ ପିଛା ବିଜୁଳି ଶୁଳ୍କ ୫୮ପଇସା ବୃଦ୍ଧି ପାଇବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ ବୋଲି ଓଡ଼ିଶା ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ପକ୍ଷରୁ କୁହାଯାଇଛି. ଏହି ପ୍ରସ୍ତାବିତ ଶୁଳ୍କ ବୃଦ୍ଧି ଗ୍ରାହକଙ୍କ ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେବ ବୋଲି ମହାସଂଘର ଅଧ୍ୟକ୍ଷ ପଞ୍ଚାନନ କାନୁନଗୋ ଓ ସମ୍ପାଦକ ରବି ବେହେରା କହିଛନ୍ତି। ରାଜ୍ୟର ଏକ କୋଟି ବିଜୁଳି ଉପଭୋକ୍ତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ଗ୍ରୀଡକୋର ପ୍ରସ୍ତାବିତ ବିଜୁଳି ଶୁଳ୍କ ଗ୍ରହଣୀୟ ନୁହେଁ ଏହାକୁ ପୁନଃ ବିଚାର କରିବାକୁ ଉପଭୋକ୍ତା ମହାସଂଘ ଦାବି କରୁଛି ବୋଲି ଉଭୟ ଶ୍ରୀ କାନୁନଗୋ ଓ ଶ୍ରୀ ବେହେରା ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି।

## ଦୁଇବର୍ଷର ଶିଶୁକୁ ରକ୍ତଦାନ କଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



ଭୁବନେଶ୍ୱର, ୨୦।୧୨(ସମିସ): କେନ୍ଦୁଝର ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ୨ ବର୍ଷ ବୟସର ସାନଭି ମହାନ୍ତଙ୍କୁ ଜରୁରିକାଳୀନ ପରିସ୍ଥିତିରେ ରକ୍ତଦାନ କରିଛନ୍ତି ୧୦୮ ଆମ୍ବୁଲାନ୍ସ ଇଏମଟି ଯଶବନ୍ତ ମହନ୍ତ। ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକର ସାନଭି ମହାନ୍ତ ସିକିଲସେଲରେ ପୀଡିତ ଏବଂ ନିୟମିତ ବ୍ୟବଧାନରେ ରକ୍ତ ଆବଶ୍ୟକ କରନ୍ତି। ଶନିବାର ସକାଳ ୧୦ ଟାରେ ଅନ୍ୟ ଜଣେ ରୋଗୀଙ୍କୁ ନେଇ ଗୋଟିଏ ୧୦୮ ଆମ୍ବୁଲାନ୍ସ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯାଇଥିବା ସମୟରେ ସାନଭିଙ୍କ ବିଷୟରେ ଜାଣିବାକୁ ପାଇଥିଲେ। ସୌଭାଗ୍ୟବଶତଃ ୧୦୮ ଆମ୍ବୁଲାନ୍ସରେ କାର୍ଯ୍ୟରତ ଇଏମଟି ଯଶବନ୍ତ ମହନ୍ତଙ୍କ ବ୍ଲଡ଼ ଗ୍ରୁପ ବି+ ଥିଲା ବେଳେ ସାନଭିଙ୍କର ମଧ୍ୟ ସମାନ ଗ୍ରୁପର ରକ୍ତ ଆବଶ୍ୟକ ଥିଲା। ତେଣୁ ଯଶବନ୍ତ ସେହି ରୋଗୀଙ୍କ ପାଇଁ ରକ୍ତଦାନ କରିଥିଲେ। ଏହି ମାନବୀୟ କାର୍ଯ୍ୟ ପାଇଁ ରୋଗୀଙ୍କ ବାପା ଏବଂ ଡାକ୍ତରଖାନା କର୍ତ୍ତୃପକ୍ଷ ଯଶୋବନ୍ତଙ୍କୁ ସାଧୁବାଦ ଜଣାଇଛନ୍ତି।

## ମଞ୍ଜରୀ ଦେବୀ ପବ୍ଲିକ୍ ସ୍କୁଲ ଦ୍ୱାରା ବାର୍ଷିକ କ୍ରୀଡ଼ା ଦିବସ




ଭୁବନେଶ୍ୱର, ୨୦।୧୨(ସମିସ): ମଞ୍ଜରୀ ଦେବୀ ପବ୍ଲିକ୍ ସ୍କୁଲର ବାର୍ଷିକ କ୍ରୀଡା ଦିବସ ଦୁଇଦିନ ଧରି ପାଳିତ ହୋଇଛି। ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ଛାତ୍ରଛତ୍ରୀମନେ ଏହି କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶିକ୍ଷକ, ଶିକ୍ଷୟତ୍ରୀମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନାରେ ଏହା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଦିବସ ପତାକା ଉତ୍ତୋଳନ, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ମାର୍ଚ୍ଚପାଷ୍ଟ, ମଶାଲ ପ୍ରଜ୍ୱଳନ ସହିତ କରାଯାଇଥିଲା। ଏହା ସହ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟର ଚେୟାରମ୍ୟାନ ପ୍ରଦୋଷ ପଟ୍ଟନାୟକ, ଭାଇସ ଚେୟାରମ୍ୟାନ ଜୋସ୍ନା ଦାସ, ପ୍ରିନ୍ସିପାଲ ବଲବିର କୋର ଯୋଗ ଦେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟର ସେକ୍ରେଟାରୀ ଶରତ ଚନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। କ୍ରୀଡାର ଉଦଯାପନୀ ଦିବସରେ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରିକେଟ, ମ୍ୟୁଜିକ ଚେୟାର ପ୍ରତିଯୋଗିତା ଆୟୋଜିତ ହୋଇଥିଲା ବୋଲି ସଭାରେ ମତ ପ୍ରକାଶ ପାଇଥିଲା।

## ଗାନ୍ଧୀଜୀଙ୍କ ବିରୋଧରେ ଆକ୍ରୋଶ ପାଇଁ ମନରେଗା ଯୋଜନା ହଟାଇବା ଅନୁଚିତ

କଟକ, ୨୦।୧୨(ସମିସ): ଗାନ୍ଧୀଜୀଙ୍କ ବିରୋଧରେ ଆକ୍ରୋଶ ପାଇଁ ମନରେଗା ଯୋଜନା ହଟାଇବା ଅନୁଚିତ ହୋଇଛି ବୋଲି ଗାନ୍ଧିବାଦୀ ସଂଗଠନ ପକ୍ଷରୁ କୁହାଯାଇଛି। ସଂସଦରେ ସଂଖ୍ୟାଗରିଷ୍ଠତାର ସୁଯୋଗ ନେଇ ଗରିବଙ୍କ ଅଧିକାର ପାଇଁ ତାଙ୍କ ନାମରେ ରହିଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ବଦଳେଇ ଦେଇ ଜିଭି ରାମ ଜି ଯୋଜନା କରିଦେବା ଆକ୍ରୋଶ କାରଣରୁ ବୋଲି କି ବୋଲି ଗାନ୍ଧିବାଦୀ ସଂଗଠନ ସମୂହଙ୍କ ପକ୍ଷରୁ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡା ବିଶ୍ୱଜିତ, ମିହିର ପ୍ରତାପ ଦାସ, ବିରୁପାକ୍ଷ ତ୍ରିପାଠୀ, ଜୟନ୍ତ କୁମାର ଦାସ, ଦେବ ପ୍ରସାଦ ରାୟ, ଅନ୍ତର୍ଯ୍ୟାମୀ ବରାଳ, ଆର୍ଯ୍ୟଭଟ୍ଟ ମହାନ୍ତି, କବୀର କୁମାର ଜେନା, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ ପ୍ରଶ୍ନ କରିଛନ୍ତି। ପ୍ରକାଶ ଥାଉ କି ୨୦୦୫ ମସିହାରୁ ଭାରତର ଗରିବ ଜନଗଣଙ୍କୁ ଶହେଦିନ ନିଶ୍ଚିତ କର୍ମ ଯୋଗାଣ ନିମନ୍ତେ ଲାଗୁହୋଇଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ବିଗତ ଲୋକସଭା ଅଧିବେଶନ କାଳରେ ତରବାରିଆ ଭାବରେ ହଟାଇ ଦିଆଯାଇ ତା' ସ୍ଥାନରେ ଭିବି. ଜି. ରାମ. ଜି. ଭଳି ଏକ ଯୋଜନା ପ୍ରଣୟନ କରାହୋଇଛି ବୋଲି ଅଭିଯୋଗ ହୋଇଛି।

## ବିବେକାନନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାର୍ଷିକ ଉତ୍ସବ

ବଡ଼ରଘୁନାଥପୁର, ୨୦।୧୨(ସମିସ): ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭାଲୀ ଥାନା ଅଧୀନରେ ଥିବା ବଡ଼ରଘୁନାଥପୁରର ବିବେକାନନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ୩୪ ତମ ବାର୍ଷିକ କ୍ରୀଡା ଉତ୍ସବକୁ ଉଦଯାପିତ ହୋଇସାରିଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧ୍ରୁବ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଦ୍ୟାଳୟ ର ମୁଖ୍ୟ ସଚିବ ବିଜନ କୁମାର ଜେନା, ଯୁଗ୍ମ ସଚିବ ରଶ୍ମିତା ଜେନା, ମଦନପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରଶ୍ମି ରଞ୍ଜନ ବେହେରା, ପୂର୍ବତନ ସମ୍ପାଦିକା ନମିତା ପଟ୍ଟନାୟକ ଏବଂ ଯୁବଶ୍ରୀ କ୍ଲବର ପ୍ରେସିଡେଣ୍ଟ ଉମାକାନ୍ତ ସାମନ୍ତରାୟ ଓ ସେକ୍ରେଟାରୀ ସମ୍ବିତ ସାମନ୍ତରାୟ ଉତ୍ସବରେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ବିଦ୍ୟାଳୟର କ୍ରୀଡା ପ୍ରଶିକ୍ଷକ ଚିନ୍ମୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ତିନି ଦିନ ଧରି ନୃତ୍ୟ ଗୀତ ଓ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରାୟ ୪୦୦ରୁ ଅଧିକ ଜଣ ଛାତ୍ରଛାତ୍ରୀ ଏହି କ୍ରୀଡା ଉତ୍ସବରେ ନିଜର ପ୍ରଦର୍ଶନ ଦେଖାଇଛନ୍ତି।



## ଶ୍ରୀମଦ ଭାଗବତ କଥା ମହୋତ୍ସବ ଓ ସତସଙ୍ଗ ଉଦ୍‌ଯାପିତ



ଭୁବନେଶ୍ୱର, ୨୦।୧୨(ସମିସ): ଭୁବନେଶ୍ୱର ଦିବ୍ୟ ଜୀବନ ସଙ୍ଘ ଆନୁକୂଲ୍ୟରେ ବୃନ୍ଦାବନର ବ୍ରହ୍ମର୍ଷି ବାଟିକା ସତସଙ୍ଗ ସଞ୍ଜୀବନୀ ସହଯୋଗରେ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ କଥା ମହୋତ୍ସବ ଓ ସତସଙ୍ଗ କାର୍ଯ୍ୟକ୍ରମ ଶନିବାର ଅଶୋକ ନଗରସ୍ଥିତ ଶିବାନନ୍ଦ ଆଶ୍ରମ ଠାରେ ଉଦଯାପିତହୋଇଯାଇଛି। ଗତ୧୦ତାରିଖଠାରୁଆରମ୍ଭହୋଇଥିବାମହୋତ୍ସବରେବୃନ୍ଦାବନର ସନ୍ଥ ପୂଜ୍ୟ ବାବା ଶ୍ରୀ ଦୀନବନ୍ଧୁ ଦାସ ମହାରାଜ, ପରମାନନ୍ଦମହାରାଜ, ଦୟାନିଧି ମହାରାଜ ଓ ଅନ୍ୟାନ୍ୟ ସାଧୁ ସନ୍ଥମାନେ ଶ୍ରୀକୃଷ୍ଣଙ୍କର ଅମୃତ ଲୀଳା ଆଖ୍ୟାନ କରିଥିଲେ। କାର୍ଯ୍ୟକ୍ରମକୁ ଦିବ୍ୟ ଜୀବନ ସଙ୍ଘର ସଭାପତି ରାଧାଶ୍ୟାମ ଦାଶ, ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ଉପସଭାପତି ନରସିଂହ ଆଚାରୀ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, ଗୋପାଳ ଚନ୍ଦ୍ର ପାତ୍ର, କାର୍ଯ୍ୟକାରୀ ସଦସ୍ୟ ଅର୍ଣ୍ଣପୂର୍ଣ୍ଣା ଦାସ, ଲକ୍ଷ୍ମୀପ୍ରିୟା ବେହେରା, କାଦମ୍ବିନୀ ଦାସ, ପରିଚାଳନା କରିଥିଲେ।

## ଇସ୍ରାଏଲ୍ ଦୂତାବାସର ନବୀକରଣ ଅଧିକାରୀଙ୍କ ସୋଆ ପରିଦର୍ଶନ

ଭୁବନେଶ୍ୱର, ୨୦।୧୨(ସମିସ): ଇସ୍ରାଏଲ୍ ଦୂତବାସର ନବୀକରଣ ଅଧିକାରୀ ମାୟା ସର୍ମନ୍ ଶୁକ୍ରବାର ସୋଆ ବିଶ୍ୱବିଦ୍ୟାଳୟ ଗସ୍ତରେ ଆସିଛନ୍ତି। ଏହି ଅବସରରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ତଥ୍ୟ ପ୍ରଦାନ କରିବା ସହ ଶିକ୍ଷା, ଗବେଷଣା ଏବଂ ନବୀକରଣ କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ସୋଆର ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସୋଆର କ୍ୱାଣ୍ଟମ୍ ସାଇନ୍ସ ଆଣ୍ଡ କ୍ୱାଣ୍ଟମ ଟେକ୍ନୋଲଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରଶାନ୍ତ କୁମାର ପାଣିଗ୍ରାହୀ କ୍ୱାଣ୍ଟମ ସାଇନ୍ସ କ୍ଷେତ୍ରରେ ବିଶ୍ୱବିଦ୍ୟାଳୟର ଗବେଷଣା ସମ୍ପର୍କିତ ଅବଦାନ ସମ୍ପର୍କରେ ଅବଗତ କରାଇଥିବା ବେଳେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସୋଆ କିଭଳି କାର୍ଯ୍ୟରେ ଅଗ୍ରଗତି କରୁଛି ସେ ସମ୍ପର୍କରେ ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ ଆଲୋଚନା କରିଥିଲେ। ସୋଆ ସିଆଇଆଇର ଡିଜିଏମ୍ ରାଜୀବ କୁମାର, ଏଆଇସି-ସୋଆ ଫାଉଣ୍ଡେସନ୍‌ର ଭବିଷ୍ୟତର ରୂପରେଖ ଏବଂ ଷ୍ଟାର୍ଟ-ଅପ୍ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ।




## ହେମନ୍ତ ସାମନ୍ତରାୟଙ୍କ ପରଲୋକରେ ଶୋକସଭା



ଭୁବନେଶ୍ୱର, ୨୦।୧୨(ସମିସ): ବଡ଼ଗଡ଼ ଗ୍ରାମର ବାସିନ୍ଦା ତଥା ବାଗଗଡ଼ ଦୁର୍ଗାପୂଜା କମିଟିର କୋଷାଧ୍ୟକ୍ଷ ହେମନ୍ତ ସାମନ୍ତରାୟଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ଅପରାହ୍ନ ଗୋଟାଏ ବେଳେ ଯକୃତ ଜନିତ ରୋଗରେ ପୀଡିତ ଥାଇ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେବେଳେ ତାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ ବର୍ଷ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବଡଗଡ଼ ହାଟ ଛକରେ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ହାଲିଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଛି। ଏଥିରେ ପ୍ରତାପ ଜେନା, ରମେନ୍ଦ୍ର ଜେନା, ଯତୀନ୍ଦ୍ର ସାମନ୍ତରାୟ, ବୀରକିଶୋର ପ୍ରଧାନ, ନିମାଇଁ ଚରଣ ନାୟକ, ଲକ୍ଷ୍ମୀଧର ଶ୍ରୀଚନ୍ଦନ, ଅଜୟ ସିଂହ, ମନୋରଞ୍ଜନ ପ୍ରଧାନ ପ୍ରମୁଖ ଶୋକପ୍ରକାଶ କରିଥିଲେ।

## ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିନୋଦ ମହାପାତ୍ରଙ୍କ ପରଲୋକ



ଭୁବନେଶ୍ୱର ୨୦।୧୨ (ସମିସ): ଖ୍ୟାତନାମା ଶଲ୍ୟ ଚିକିତ୍ସକ ତଥା ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ଼ା. ବିନୋଦ ମହାପାତ୍ରଙ୍କ ଦେହାନ୍ତ ହୋଇଛି। ଗତ କିଛିଦିନ ହେଲା ଲଙ୍ଗସ ସଂକ୍ରମଣରେ ପୀଡିତ ଥିବା ଡ଼ା. ମହାପାତ୍ର ଗତ ୧୩ ତାରିଖରେ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଇହଲୀଳା ସମ୍ବରଣ କରିଛନ୍ତି। ପରଲୋକ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା। ୧୯୫୫ ମସିହାରେ ଜନ୍ମିତ ଡ଼ା. ମହାପାତ୍ର ଡାକ୍ତରୀ ଶିକ୍ଷାଲାଭ ପରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ସେ ଜଗତସିଂହପୁର ଓ ଅନ୍ୟ କେତେକ ଜିଲ୍ଲାରେ ସିଡ଼ିଏମ୍‌ଓ ଦାୟିତ୍ୱ ନିର୍ବାହ କରିଥିଲେ। ପରବର୍ତ୍ତୀ ସମୟରେ ସେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଭାବରେ ଅବସର ଗ୍ରହଣ କରିଥିଲେ।

## ରୟାଲ ପବ୍ଲିକ୍ ସ୍କୁଲ୍‌ରେ ବାର୍ଷିକୋତ୍ସବ




ଭୁବନେଶ୍ୱର, ୨୦।୧୨(ସମିସ): କେସୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ର ଦ୍ୱାଦଶ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ। ସେହିପରି ଭାଇସ ଚେୟାରମ୍ୟାନ୍ ମିଲନ ମହାନ୍ତି ଅତ୍ୟାଧୁନିକ ପ୍ରଣାଳୀରେ ଶିକ୍ଷାଦାନ କରି ଶିକ୍ଷାନୁଷ୍ଠାନ ଅଭିଭାବକଙ୍କର ପ୍ରିୟଭାଜନ ହୋଇପାରିଥିବା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମ୍ୟାନେଜର ଅଜୟ କୁମାର ଦାସ, ଅଧକ୍ଷ ସର୍ବେଶ୍ୱର ସାମଲ, ଉପଧକ୍ଷା ପ୍ରଜ୍ଞା ସାହୁ ପ୍ରମୁଖ ଶିକ୍ଷାଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ନର୍ସରୀ ଠାରୁ ଦ୍ୱାଦଶ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ସହ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ବିଜେଇଏମ୍ ସ୍କୁଲର ବାର୍ଷିକ ଉତ୍ସବ 'ଡ୍ରିମ୍‌ସ୍କେପ୍-୨୦୨୫'




ଭୁବନେଶ୍ୱର, ୨୦।୧୨(ସମିସ): ରାଜଧାନୀର ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୫୨ତମ ବାର୍ଷିକ ଉତ୍ସବ "ଡ୍ରିମ୍‌ସ୍କେପ୍-୨୦୨୫" ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନ (୧୯ ଡିସେମ୍ବର)ରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ଏକାମ୍ରଭୁବନେଶ୍ୱର ମାନ୍ୟବର ବିଧାୟକ ବାବୁ ସିଂ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବି.ଜେ. ଏଜୁକେସନ୍ ସୋସାଇଟିର ସଭାପତି ରଘୁନାଥ ମିଶ୍ର ଯୋଗ ଦେଇଥିଲେ। ଦ୍ୱିତୀୟ ଦିନରେ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ, ଅଭିନେତା ଜ୍ୟୋତି ରଞ୍ଜନ ନାୟକ, ବିଦ୍ୟାଳୟର ଉପସଭାପତି ଡଃ. କାର୍ତ୍ତିକ ଚନ୍ଦ୍ର ଦାଶ, ବିଦ୍ୟାଳୟର ପରିଚାଳକ ପ୍ରତାପ କୁମାର ଜେନା, ବିଦ୍ୟାଳୟର ଉପପରିଚାଳକ ଅନୁପ ପଟ୍ଟନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ସନ୍ଧ୍ୟା ଜେନା ସ୍ୱାଗତ ଭାଷଣ ତଥା ବାର୍ଷିକ ବିବରଣୀ ପାଠ କରିଥିଲେ ଓ ଉପାଧକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଆଦ୍ରିକା ଶତପଥୀଙ୍କୁ ଓ. ଲିଟିଲ୍‌ଉଡ୍ ସମ୍ମାନ ଏବଂ ସ୍ୱୟଂ ଦାଶଙ୍କୁ ବିଜେଇଏମ୍ ବ୍ଲୁ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ଓ ବି.ଜେ. ଏଜୁକେସନ୍ ସୋସାଇଟିର ସଦସ୍ୟବୃନ୍ଦ, ବିଦ୍ୟାଳୟର ପର୍ଯ୍ୟବେକ୍ଷକ ନରେଶ କୁମାର ରଥ, ପଦ୍ମାଳୟା ପଲ୍, ପ୍ରଦୀପ କୁମାର ମଲ୍ଲିକ, ସୁଚରିତା ଦାସ, ଶିକ୍ଷକ ପ୍ରତିନିଧି ଲକ୍ଷ୍ମୀଧର ମଲ୍ଲିକ, ଆରତି କର ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବୁଦ୍ଧ ବିହାରରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଭୁବନେଶ୍ୱର, ୨୦।୧୨(ସମିସ): ଯଶୋଦା ମା ଫାଉଣ୍ଡେସନ ଓ କେୟାର ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ୧୪ ନମ୍ବର ୱାର୍ଡରେ ଅବସ୍ଥିତ ବୁଦ୍ଧ ବିହାରର ସାମୁଦାୟିକ ଭବନଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଜେପି ଉପ ସଭାପତି ଗୋଲକ ମହାପାତ୍ର, କେୟାର ହସ୍ପିଟାଲର ବରିଷ୍ଠ ଅଧିକାରୀ ଲୋକନାଥ ଦାଶ, ନିବେଦିତା ଲେଙ୍କା ଉପସ୍ଥିତ ଥିଲେ। ବୁଦ୍ଧ ବିହାରର ବୟୋଜ୍ୟେଷ୍ଠ ବ୍ୟକ୍ତି, ଯୁବକ, ମହିଳା, ଛାତ୍ରଛାତ୍ରୀ, ଛୋଟ ପିଲା ଯୋଗଦେଇ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ବରିଷ୍ଠ ଅଭିନେତା ପ୍ରଫୁଲ୍ଲ ଲେଙ୍କା, ସମାଜସେବୀ ପ୍ରତ୍ୟୁଷ ଭଞ୍ଜ, ନୃତ୍ୟଗୁରୁ ପ୍ରଭାସିନୀ ଷଡ଼ଙ୍ଗୀ, ବର୍ଣ୍ଣବୋଧ ଗୁରୁମା ପ୍ରମିଳା ସାହୁ, ବୁଦ୍ଧ ବିହାରର ସଭାପତି ମାନସ ମହାପାତ୍ର, ସମ୍ପାଦକ ଗୌରାଙ୍ଗ ଦାଶ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଲୁବୁନ ଟୁବୁନଙ୍କୁ ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର ସମ୍ମାନ

# ହରିହର କାନୁନଗୋଙ୍କୁ ତାମୋଟିଆ ସମ୍ମାନ

ଭୁବନେଶ୍ୱର, ୨୦।୧୨(ସମିସ): ଭୁବନେଶ୍ୱର ବୁଦ୍ଧମନ୍ଦିର ପରିସରରେ ୮ମ ଓଡ଼ିଶା ସାଂସ୍କୃତିକ ମହୋତ୍ସବ ଓ ୮ମ କିଡ୍ସ ଅଲିମ୍ପିଆଡ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥିବା ଏହି ଜାତୀୟସ୍ତରର ପରୀକ୍ଷାରେ କୋରାପୁଟ ଜିଲ୍ଲା ଜୟପୁର ବନିତା ସ୍କୁଲ୍ ନର୍ସରୀ ଛାତ୍ର ଦିବ୍ୟାଂଶ ମିଶ୍ର ସର୍ବାଧିକ ମାର୍କ ରଖି ଜାତୀୟ ଚାମ୍ପିୟନ ହୋଇ ମାନପତ୍ର ସହ ଆଇକନ ଛାତ୍ର ସମ୍ମାନ ଓ ମେଡାଲ ସହ ନଗଦ ଅର୍ଥ ଗ୍ରହଣ କରିଥିଲେ।

ଉତ୍ସବରେ ଅତିଥି ଭାବରେ ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତପଥୀ, ପୂର୍ବତନ ସଂସ୍କୃତି ସଚିବ ସୁରେଶ୍ ଚନ୍ଦ୍ର ମନ୍ତ୍ରୀ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାଶ, ତାମିଲନାଡୁ ବୈଦିକ ବିଶ୍ୱବଦ୍ୟାଳୟର କୁଳପତି ଡ଼ ହରିହର କାନୁନଗୋ, ନାଇଜର ପୂର୍ବତନ ସଚିବ ଡ଼ ଅଭୟ କୁମାର ନାୟକ, ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ଦ୍ୱାଇପାୟନ୍ ପଟ୍ଟନାୟକ ଓ ସମ୍ପାଦିକା ସସ୍ମିତା ହୋତା ଅତିଥି ଭାବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

ସାଂସ୍କୃତିକ ମହୋତ୍ସବ ସଭାପତି ଗୁରୁପ୍ରସାଦ ସମରେନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଳକ୍ଷେତ୍ରରେ ଅବଦାନ ପାଇଁ ଲୁବୁନ୍ ଟୁବୁନ୍‌ଙ୍କୁ ଶିଳ୍ପୀଗୁରୁ ରଘୁନାଥ ମହାପାତ୍ର ସମ୍ମାନ, ଜଗନ୍ନାଥ ସଂସ୍କୃତିର ଗବେଷକ ଡ଼ ହରିହର କାନୁନଗୋଙ୍କୁ ତାମୋଟିଆ ଆଜୀବନ ସାଧନା ସମ୍ମାନ ସହିତ ସୁରେଶ୍ ଚନ୍ଦ୍ର ମନ୍ତ୍ରୀଙ୍କୁ ଶ୍ରେଷ୍ଠ ପ୍ରଶାସକ ସମ୍ମାନ ପ୍ରଦାନ କରାଯାଇଥିଲା।



